# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 281 CUTTACK, THURSDAY, FEBRUARY 8, 2024/MAGHA 19, 1945**


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ

### (ଭୂ-ଅର୍ଜନ ଉପବିଭାଗ)

### ଅଧିସୂଚନା

(ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧))

ବିଜ୍ଞପ୍ତି ସଂଖ୍ୟା ୧୦୮୧ ତାରିଖ ୯–୦୮–୨୦୨୩ ସୁନ୍ଦରଗଡ

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କୋଇଲା ପରିବହନ ନିମନ୍ତେ ଏକ ସମର୍ପିତ କୋଲ କରିଡର ରାସ୍ତା ନିର୍ମାଣ ନିମନ୍ତେ ମୌଜା-ଡୁଡୁକା, ଥାନା-ହେମଗିର, ତହସିଲ- ହେମଗିର, ଜିଲ୍ଲା-ସୁନ୍ଦରଗଡରେ ନିମ୍ନ ତଫସିଲ ମତେ ପ୍ରାୟ ୨.୩୧ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- କୋଇଲା ପରିବହନ ନିମନ୍ତେ ଏକ ସମର୍ପିତ କୋଲ କରିଡର ରାସ୍ତା ନିର୍ମାଣ

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଏବଂ ଗୃହ ,ସୁନ୍ଦରଗଡ ଡିଭିଜନ

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ପ୍ରଯୁଜ୍ୟ ନୁହେଁ

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଏଥିସହିତ ସଂଲଗ୍ନ କରାଗଲା

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରାଶାସକଙ୍କ ବିବରଣୀ-ଉପ-ଜିଲ୍ଲାପାଳ, ସୁନ୍ଦରଗଡ

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୁଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ | ହେମଗିର | ଡୁଡୁକା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨.୩୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

# ଖତିୟାନ କପି

| ମୌଜା- ଡୁଡୁକା | | ତହସିଲ- ହେମଗିର | | ଥାନା- ହେମଗିର | | ଜିଲ୍ଲା- ସୁନ୍ଦରଗଡ |
|---|---|---|---|---|---|---|
| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
| ୧ | ୪୨/୨୭ | ୫୪ | ଗୋଡା-୧ | ୦.୫୨ | ୦.୩୧ | ରୁଷି ନାଏକ, ପି: ଧ୍ରୁବି ନାଏକ, ଜା: ଭୂୟାଁ, ବା: ନିଜଗାଁ |
| ୨ | ୪୨/୬୨ | ୫୬ | ଗୋଡା-୨ | ୦.୬୨ | ୦.୧୧ | ଲକ୍ଷ୍ମଣ ମାଝୀ, ପି: ଭଜ ମାଝୀ, ଜା: ଗଣ୍ଡ ବା: ନିଜଗାଁ |
| ୩ | ୩୪ | ୩୮ | ମା. ସା | ୦.୦୭ | ୦.୦୭ | ସୁନିଲ କୁମାର ସିଂ ଓରଫ ଛତ୍ରପତି ସିଂ, ପି: ଜଙ୍କନାରାୟଣ ସିଂ ଜା: ଖଣ୍ଡାୟତ ଭୂୟାଁ ବା: ହେମଗିରି |
| ୪ | ୪୨/୫୧ | ୩୮/୬୫୭ | ମା. ସା. | ୧.୨୩ | ୦.୨୪ | ଟିକୁ ମାଝୀ, ପି: ଟେଟେଙ୍ଗୁ ମାଝୀ, ଜା: ଗଣ୍ଡ ବା: ନିଜଗାଁ |
| | | ୩୮/୬୫୮ | ମା. ସା. | ୦.୨୦ | ୦.୨୦ | |
| ୫ | ୪୨/୨୯୬ | ୩୮/୧୦୦୧ | ମା. ସା. | ୦.୧୩ | ୦.୧୩ | ସୁଜାତା ନାଏକ, ପି: ପୁର୍ଣ୍ଣ ନାଏକ ଜା: ଗଣ୍ଡ ବା: ଭେଡିବାହାଲ ଥା: ଲେଫ୍ରିପଡା |
| ୬ | ୪୨/୩୮ | ୫୩/୬୧୩ | ଗୋଡା-୧ | ୧.୪୦ | ୧.୦୨ | ଯୋଗେଶ୍ୱର ନାଏକ, ପି:ଗୋବର୍ଦ୍ଧନ ନାଏକ, |

# ଖତିୟାନ କପି

| | | | | | | |
|---|---|---|---|---|---|---|
| | | | | | | ଜା: ଗଣ୍ଡ<br>ବା: ନିଜଗାଁ |
| ୭ | ୪୨/୨୪୮ | ୫୩ | ଗୋଡା-୧ | ୦.୨୩ | ୦.୨୩ | ଯୋଗେଶ୍ୱରୀ ନାଏକ, ସ୍ୱାମୀ : ନିତ୍ୟାନନ୍ଦ ନାଏକ,<br>ଜାତି : ଗଣ୍ଡ,<br>ବା : କୁଣ୍ଡୁକେଲା, ଥା–ଭଷ୍ମା, ଜି–ସୁନ୍ଦରଗଡ |
| **ମୋଟ ଅର୍ଜନ ରକବା** | | | | | ୨.୩୧ | |

ରାଜ୍ୟପାଳଙ୍କ ଆଦେଶକ୍ରମେ

**ଡ. ଗାଭାଲି ପରାଗ ହର୍ଷଦ**

**ଜିଲ୍ଲାପାଳ, ସୁନ୍ଦରଗଡ**

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2491—173+20